# ପୋଲିସ୍ କମିଶନରେଟ୍ ଭୁବନେଶ୍ୱରର

## ଛାତ୍ର/ଛାତ୍ରୀ ଟ୍ରାଫିକ ସ୍ୱେଚ୍ଛାସେବୀ ପଦବୀ ପୂରଣ ନିମନ୍ତେ ବିଜ୍ଞାପନ

ପୋଲିସ୍ କମିଶନରେଟ ଅନ୍ତର୍ଗତ ଭୁବନେଶ୍ୱର ଏବଂ କଟକ ସହରାଞ୍ଚଳ ଆରକ୍ଷୀ ଜିଲ୍ଲାଠାରେ ନିମ୍ନଲିଖିତ ଖାଲିଥିବା ଛାତ୍ର/ଛାତ୍ରୀ ଟ୍ରାଫିକ ସ୍ୱେଚ୍ଛାସେବୀ ପଦବୀ ପୂରଣ ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଭୁବନେଶ୍ୱରର ସହରାଞ୍ଚଳ ଆରକ୍ଷୀ ଜିଲ୍ଲା - ୨୦୦

କଟକ ସହରାଞ୍ଚଳ ଆରକ୍ଷୀ ଜିଲ୍ଲା - ୧୦୦

ଭୁବନେଶ୍ୱର ସହରାଞ୍ଚଳ ଆରକ୍ଷୀ ଜିଲ୍ଲାପାଇଁ ଦରଖାସ୍ତ ଗୁଡ଼ିକ ଏ.ସି.ପି., ଟ୍ରାଫିକ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଏବଂ କଟକ ସହରାଞ୍ଚଳ ଆରକ୍ଷୀ ଜିଲ୍ଲାପାଇଁ ଦରଖାସ୍ତ ଗୁଡ଼ିକ ଏ.ସି.ପି. ଟ୍ରାଫିକ, କଟକଙ୍କ କାର୍ଯ୍ୟାଳୟରେ ତା.....୧୪..୩..୨୦୧୬ ରିଖ ସନ୍ଧ୍ୟା ୫ଘଟିକା ସୁଦ୍ଧା ଦାଖଲ କରିବେ । ନିର୍ଦ୍ଧାରିତ ତାରିଖ ପରେ ଦାଖଲ କରାଯାଇଥିବା ଦରଖାସ୍ତ ଓ ଅସମ୍ପୂର୍ଣ୍ଣ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । ଏଥିପାଇଁ ଆବଶ୍ୟକୀୟ ନିୟମାବଳୀ ଓ ଦରଖାସ୍ତ ଫର୍ମ ଭୁବନେଶ୍ୱର ଏ.ଜି. ଛକସ୍ଥିତ ଏ.ସି.ପି., ଟ୍ରାଫିକ, ଭୁବନେଶ୍ୱର ଏବଂ ଏ.ସି.ପି. ଟ୍ରାଫିକ ମଧୁପାଟଣା, କଟକଙ୍କ କାର୍ଯ୍ୟାଳୟରେ ବିନା ମୂଲ୍ୟରେ ମିଳିବ । କମିଶନରେଟ ପୋଲିସ୍ ୱେବସାଇଟ୍ **www.bhubaneswarcuttackpolice.gov.in** ରେ ମଧ ବିନା ମୂଲ୍ୟରେ ଫର୍ମ ଉପଲବ୍ଧ ହେବ ।

# ଛାତ୍ର/ଛାତ୍ରୀ ଟ୍ରାଫିକ ସ୍ୱେଚ୍ଛାସେବୀ ପଦବୀ ନିମନ୍ତେ ଆବଶ୍ୟକୀୟ ନିୟମାବଳୀ

୧. ଦରଖାସ୍ତକାରୀ ଓଡ଼ିଶା ସରକାରଙ୍କର ସ୍ୱୀକୃତିପ୍ରାପ୍ତ ଭୁବନେଶ୍ୱର/କଟକସ୍ଥିତ ଯେକୌଣସି ମହାବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟର ଛାତ୍ର/ଛାତ୍ରୀ ହେବା ଆବଶ୍ୟକ ।

୨. ଦରଖାସ୍ତକାରୀ ଭାରତୀୟ ନାଗରିକ ହୋଇଥିବେ ।

୩. ଦରଖାସ୍ତକାରୀଙ୍କ ବୟସ ୧୮ ବର୍ଷ ହୋଇଥିବ ।

୪. ସେ ଶାରିରୀକ, ମାନସିକ ଓ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଟ୍ରାଫିକ ପରିଚାଳନା ପାଇଁ ସକ୍ଷମ ହୋଇଥିବେ ।

୫. ଦରଖାସ୍ତକାରୀ ଯୋଗ୍ୟତମ ଉଚ୍ଚତା ବିଶିଷ୍ଟ ହୋଇଥିବା ଆବଶ୍ୟକ ।

୬. ଟ୍ରାଫିକ କାର୍ଯ୍ୟରେ ଥିବା ବେଳେ ଟ୍ରାଫିକ ପୋଲିସ ଅଧିକାରୀଙ୍କ ନିର୍ଦ୍ଦେଶକୁ ମାନିବେ ଏବଂ ନିଜର ଇଚ୍ଛାମୁତାବକ କୌଣସି କାର୍ଯ୍ୟ କରିବେ ନାହିଁ ।

୭. ଦରଖାସ୍ତ ଫର୍ମରେ ଦରଖାସ୍ତକାରୀ ଡ୍ୟୁଟି କରିବା ଲାଗି ନିଜ ପସନ୍ଦର ୩ ଗୋଟି ଟ୍ରାଫିକ ଛକର ନାମ ଦେବେ ଏବଂ ଡ୍ୟୁଟି କରିବାର ସମୟ ଯଥା - ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା କିମ୍ବା ସଂନ୍ଧ୍ୟା ୫ଟାରୁ ରାତ୍ର ୮ଟା ମଧ୍ୟରୁ ଗୋଟିଏ ବାଛିବେ ।

୮. ଦରଖାସ୍ତରେ ଦରଖାସ୍ତକାରୀଙ୍କ ସ୍ୱାକ୍ଷର ସହିତ ନିଜ ଅଞ୍ଚଳର କିମ୍ବା ବିଦ୍ୟାଳୟର ୨ଜଣ ଭଦ୍ର ବ୍ୟକ୍ତିଙ୍କର ସ୍ୱାକ୍ଷର ସହିତ କଲେଜ ଅଧକ୍ଷକଙ୍କର ସ୍ୱାକ୍ଷର ନିଶ୍ଚିତଭାବେ ରହିବା ଆବଶ୍ୟକ ।

୯. ସେ କୌଣସି ଫୌଜଦାରୀ ମାମଲାରେ ସଂପୃକ୍ତ ନଥିବେ ।

୧୦. ପ୍ରାର୍ଥୀ ଉତ୍ତମ ଚରିତ୍ରର ହୋଇଥିବେ ଏବଂ ଭଲ ଚରିତ୍ର ବିଷୟରେ କଲେଜ ଅଧକ୍ଷଙ୍କ ଦ୍ୱାରା ଦରଖାସ୍ତରେ ଅନୁପ୍ରମାଣିତ ହୋଇଥିବେ ।

୧୧. ପ୍ରାର୍ଥୀଙ୍କର ନିଜ ନାମରେ ଜାତୀୟ ବ୍ୟାଙ୍କରେ ଜମାଖାତା ଥିବା ଆବଶ୍ୟକ ।

୧୨. ପ୍ରାର୍ଥୀ କେବେ ନିଜ କାର୍ଯ୍ୟ କ୍ଷେତ୍ରରେ କୌଣସି ପ୍ରକାର ଆନ୍ଦୋଳନାତ୍ମକ / ବିକ୍ଷୋଭ ପ୍ରଦର୍ଶନ କରିବେ ନାହିଁ ।

୧୩. ପ୍ରାର୍ଥୀ କାର୍ଯ୍ୟ କରୁଥିବା ସମୟରେ ପଦଚାରୀମାନଙ୍କୁ ଉତ୍ତମ ବ୍ୟବହାର ଦେଖାଇବା ସହିତ ନିଜେ ଅନୁଶାସିତ ହୋଇ ରହିବେ ।

୧୪. ଟ୍ରାଫିକ କାର୍ଯ୍ୟରତ ସମୟରେ ପୋଲିସ କମିନରେଟ୍ ଲୋଗୋ ଥିବା ଟି-ସାର୍ଟ, ଟୋପି ଏବଂ ପରିଚୟପତ୍ର ପରିଧାନ କରିବେ ।

୧୫. ପ୍ରତ୍ୟେକ ଛାତ୍ର/ଛାତ୍ରୀ ଟ୍ରାଫିକ ସ୍ୱେଚ୍ଛାସେବୀଙ୍କର କାର୍ଯ୍ୟ କରିବା ଅବଧି ୨ବର୍ଷରୁ ଅଧିକ ହେବନାହିଁ ।

୧୬. ଯଦି କୌଣସି ଛାତ୍ର/ଛାତ୍ରୀ ଟ୍ରାଫିକ ସ୍ୱେଚ୍ଛାସେବୀ ଟ୍ରାଫିକ ନିୟନ୍ତ୍ରଣ କାର୍ଯ୍ୟ କରିବା ସମୟରେ ଯଦି କୌଣସି ଦୁର୍ଘଟଣା ଜନିତ କ୍ଷୟକ୍ଷତି ହୁଏ ସେଥିପାଇଁ କୌଣସି ପୋଲିସ୍ ଅଧିକାରୀ ଦାୟୀ ରହିବେ ନାହିଁ ।

୧୭. ଯଦି କୌଣସି ଛାତ୍ର/ଛାତ୍ରୀ ଟ୍ରାଫିକ ସ୍ୱେଚ୍ଛାସେବୀ ଉପରୋକ୍ତ ନିୟମାବଳୀକୁ ଉଲ୍ଲଙ୍ଘନ କିମ୍ବା ବିଶୃଙ୍ଖଳା ଜନିତ କାର୍ଯ୍ୟ କଲେ ଯେକୌଣସି ସମୟରେ ବହିଷ୍କାର କରାଯିବ ।

୧୮. ଇଚ୍ଛୁକ ଓ ଯୋଗ୍ୟ ପ୍ରାର୍ଥୀମାନେ ସେମାନଙ୍କର ଦରଖାସ୍ତ ସମ୍ପୂର୍ଣ୍ଣ ଓ ସଠିକ୍ ଭାବେ ପୂରଣ କରିବା ସହ ସାକ୍ଷୀ ଓ ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କ ଦସ୍ତଖତ ସହିତ ଦରଖାସ୍ତ ଫର୍ମ ଗୁଡ଼ିକ ଭୁବନେଶ୍ୱର ସହରାଞ୍ଚଳ ଆରକ୍ଷୀ ଜିଲ୍ଲା ଟ୍ରାଫିକ ପାଇଁ ଭୁବନେଶ୍ୱର ଏ.ଜି. ଛକସ୍ଥିତ ଏ.ସି.ପି. ଟ୍ରାଫିକ ଭୁବନେଶ୍ୱରଙ୍କର କାର୍ଯ୍ୟାଳୟରେ ଏବଂ କଟକ ସହରାଞ୍ଚଳ ଆରକ୍ଷୀ ଜିଲ୍ଲା ଟ୍ରାଫିକ ପାଇଁ ଏ.ସି.ପି. ଟ୍ରାଫିକ, ମଧୁପାଟଣା, କଟକଙ୍କ କାର୍ଯ୍ୟାଳୟରେ ତା.....୧୪...୩....୨୦୧୬...ରିଖ ସନ୍ଧ୍ୟା ୫ଘଟିକା ସୁଦ୍ଧା ଦାଖଲ କରିବେ ।

୧୯. ଅସମ୍ପୂର୍ଣ୍ଣ ଦରଖାସ୍ତ ଏବଂ ନିର୍ଦ୍ଧାରିତ ତାରିଖ ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡ଼ିକ ଗ୍ରହଣ କରାଯିବ ନାହିଁ ।

ସ୍ଥାନ :

ତାରିଖ :

ପ୍ରାର୍ଥୀଙ୍କ ସ୍ୱାକ୍ଷର

# ଛାତ୍ର/ଛାତ୍ରୀ ଟ୍ରାଫିକ ସ୍ୱେଚ୍ଛାସେବୀ କାର୍ଯ୍ୟ କରିବା ନିମନ୍ତେ ଆବେଦନ ପତ୍ର ।

୧. ନାମ – ବୟସ –

୨. ପିତା/ସ୍ୱାମୀଙ୍କର ନାମ –

ଫଟୋ ଲଗାଇବେ

୩. ସ୍ଥାୟୀ ଠିକଣା –

ଗ୍ରାମ – ପୋ- ଥାନା-

ଜି. – ପିନ୍ –

୪. ବର୍ତ୍ତମାନ ଠିକଣା –

ଗ୍ରାମ – ପୋ- ଥାନା-

ଜି. – ପିନ୍ –

୫. ଚିହ୍ନଟ ନିମନ୍ତେ ଶରିରରେ ଥିବା ଦାଗ –

୬. ଶିକ୍ଷାଗତ ଯୋଗ୍ୟତା –

୭. କଲେଜ/ମହାବିଦ୍ୟାଳୟର ନାମ ଓ ଶ୍ରେଣୀ –

୮. ଯୋଗାଯୋଗ ପାଇଁ ମୋବାଇଲ ନମ୍ବର –

୯. ଡ୍ୟୁଟି ନିମନ୍ତେ ନିଜ ପସନ୍ଦର ୩ ଗୋଟି ଛକର ନାମ ଓ ସମୟ –

୧୦. ବ୍ୟାଙ୍କ ଜମାଖାତାର ନମ୍ବର – (ବ୍ୟାଙ୍କ ଜମାଖାତାର ନକଲ ସଂଲଗ୍ନ କରିବେ)

## ଘୋଷଣାନାମା

ଶ୍ରୀ/ଶ୍ରୀମତୀ/କୁମାରୀ .. ବୟସ.. ବର୍ଷ
ପିତା/ସ୍ୱାମୀ- ଗ୍ରାମ – ପୋ- ଥାନା-
ଜି. – ପିନ୍ – ବର୍ତ୍ତମାନ ଠିକଣା – ଗ୍ରାମ – ପୋ-
ଥାନା- ଜି. – ପିନ୍ – , ଭୁବନେଶ୍ୱର ଏତ ଦ୍ୱାରା ଘୋଷଣା କରୁଅଛି କି ମୁଁ ଛାତ୍ର/ଛାତ୍ରୀ ଟ୍ରାଫିକ ସ୍ୱେଚ୍ଛାସେବୀ ବୃତିଗତ ଯୋଜନାକୁ ଭଲଭାବେ ବୁଝିଅଛି । ଏହା ଏକ ସମ୍ପୂର୍ଣ୍ଣ ସ୍ୱେଚ୍ଛାସେବୀ କାର୍ଯ୍ୟ ଅଟେ । ମୁଁ ଏହାମଧ୍ୟ ବୁଝିଅଛି ଯେ ଏହା ଏକ ଶାରିରୀକ ଭାବେ କ୍ଲାନ୍ତ ଓ ବିପଦ ପୂର୍ଣ୍ଣ କାର୍ଯ୍ୟ ଅଟେ । ମୁଁ ମୋ ନିଜ ଇଚ୍ଛାରେ ସାଧାରଣ ଜନତାଙ୍କର ସେବା କରିବା ନିମନ୍ତେ ଆଗ୍ରହୀ ଅଟେ । କୌଣସି ବ୍ୟକ୍ତି / ଅନୁଷ୍ଠାନ ମୋତେ ଏହି କାର୍ଯ୍ୟ କରିବା ନିମନ୍ତେ ବାଧ କରିନାହାନ୍ତି । ଏବଂ ତେଣୁ ଏହି ସ୍ୱେଚ୍ଛାସେବୀ କାର୍ଯ୍ୟ ସମ୍ପାଦନ ସମୟରେ କୌଣସି ପ୍ରକାରର ଦୁର୍ଘଟଣା ପାଇଁ କେହି ଦାୟୀ ନୁହଁନ୍ତି ।

ମୁଁ ଉପରୋକ୍ତ ନିୟମାବଳୀକୁ ପଢି ବୁଝିଅଛି । ମୁଁ ଏତ ଦ୍ୱାରା ଘୋଷଣା କରୁଅଛି ଯେ ମୁଁ ମୋ ନିଜସ୍ୱ ଇଚ୍ଛାରେ ସମସ୍ତ ସର୍ତକୁ ପାଳନ କରିବା ନିମନ୍ତେ ସମ୍ମତି ପ୍ରଦାନ କରୁଅଛି । ମୁଁ ଏତ ଦ୍ୱାରା ଘୋଷଣା କରୁଅଛି କି ମୁଁ କୌଣସି ଫୌଜଦାରୀ ମାମଲାରେ ଜଡିତ ନାହିଁ କିମ୍ବା କୌଣସି ମାମଲା ମୋ ବିରୁଦ୍ଧରେ ଥାନା କିମ୍ବା କୋର୍ଟରେ ବିଚାରଧୀନ ନାହିଁ ।

ମୁଁ ଏତ ଦ୍ୱାରା ଘୋଷଣା କରୁଅଛି କି ଉପରୋକ୍ତ ତଥ୍ୟଗୁଡିକ ସମ୍ପୂର୍ଣ୍ଣ ସତ୍ୟ ଅଟେ ।

ପ୍ରାର୍ଥୀଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର

୧. ପ୍ରଥମ ସାକ୍ଷୀଙ୍କ ସ୍ୱାକ୍ଷର –
ମୋବାଇଲ ନଂ. –

୨. ଦ୍ୱିତୀୟ ସାକ୍ଷୀଙ୍କ ସ୍ୱାକ୍ଷର –
ମୋବାଇଲ ନଂ. –

## ସଂପୃକ୍ତ ବିଶ୍ୱବିଦ୍ୟାଳୟ / ମହାବିଦ୍ୟାଳୟ ମୁଖ୍ୟଙ୍କ ଘୋଷଣାନାମା

ମୁଁ ଅଧକ୍ଷ / ମୁଖ୍ୟ ବିଶ୍ୱବିଦ୍ୟାଳୟ / ମହାବିଦ୍ୟାଳୟ ଏତଦ୍ୱାରା ପ୍ରମାଣିତ କରୁଅଛି ଯେ ଶ୍ରୀ/ଶ୍ରୀମତୀ/କୁମାରୀ .. ବୟସ.. ବର୍ଷ ପିତା/ସ୍ୱାମୀ- ଗ୍ରାମ - ପୋ- ଥାନା- ଜି. - ପିନ୍ - ଆମ୍ଭ ଅନୁଷ୍ଠାନର ମସିହାଠାରୁ ଜଣେ ଉତମ ଚରିତ୍ରର ଛାତ୍ର / ଛାତ୍ରୀ ଅଟନ୍ତି । ସେ ଛାତ୍ର/ଛାତ୍ରୀ ଟ୍ରାଫିକମ ସ୍ୱଚ୍ଛାସେବୀ ରୂପେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଅଟନ୍ତି ଏବଂ ତାଙ୍କୁ ଏହି କାର୍ଯ୍ୟ କରିବା ପାଇଁ କେହି ବାଧ କରିନାହାନ୍ତି ।

ଅନୁଷ୍ଠାନ ମୁଖ୍ୟଙ୍କ ସ୍ୱାକ୍ଷର